## ସଂକ୍ଷେପରେ

### ଚୋରି ଟଙ୍କା ଉଦ୍ଧାର, ୨ ଗିରଫ

**ଟିଟିଲାଗଡ଼, ୫।୭ (ଡି.ଏନ.ଏ):** ରେଳବାଇ ଠିକା କମ୍ପାନୀ ଏଆରଏସଏସର ଚୋରି ଟଙ୍କା ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ଉକ୍ତ ଠିକାଦାରଙ୍କଠାରେ ନିୟୋଜିତ ଦୁଇ କର୍ମଚାରୀ ଲିପୁନ ସାହୁ ଏବଂ ଦିଲସାନ ରାଓଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ଚୋରି ହୋଇଥିବା ଟଙ୍କାକୁ ଜବତ କରିଛି। ଏନେଇ ରବିବାର ଟିଟିଲାଗଡ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ଶତପଥୀ। ତାଙ୍କ ସୁଚନା ମୁତାବକ ତୁଲାଙ୍ଗଠାରେ ନିୟୋଜିତ ରେଳବାଇ ଠିକାଦାରଙ୍କ ମୁନସି କଳିଙ୍ଗ ଖୁଣ୍ଟିଆ ଅଫିସ ଡ୍ରୟରରେ ରଖିଥିବା ୨ ଲକ୍ଷ ୬୫ ହଜାର ଟଙ୍କା ଚୋରି ହୋଇଯାଇଥିବା ଅଭିଯୋଗ କରିଥିଲେ। ଖବରଦାତା ସମ୍ମିଳନୀରେ ଆଇଆଇସି ପ୍ରଭାତ ରଞ୍ଜନ ଶତପଥୀ, କେସର ତଦନ୍ତ ଅଧିକାରୀ ମନୋଜ ମୁଣ୍ଡା ଉପସ୍ଥିତ ଥିଲେ।

### କଳାହାଣ୍ଡି: ଆଉ ୨ କରୋନା ଆକ୍ରାନ୍ତ ଚିହ୍ନଟ

**ଭବାନୀପାଟଣା/ଜୁନାଗଡ/କଳମପୁର/କୋକସରା, ୫।୭(ଡି.ଏନ.ଏ.):** କଳାହାଣ୍ଡି ଜିଲାରେ ରବିବାର ଆଉ ୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୮ରେ ପହଞ୍ଚିଛି। ଚିହ୍ନଟ ଦୁଇ ଆକ୍ରାନ୍ତ ତାମିଲନାଡୁରୁ ଫେରିବା ପରେ ଜୁନାଗଡ ବ୍ଲକ କୋଏଲ ଗାଁ ଗୁଡିପଦର ସଙ୍ଗରୋଧ କେନ୍ଦ୍ରରେ ଥିଲେ। ସେମାନଙ୍କ ମଧ୍ୟରୁ ଜଣେ ୧୮ବର୍ଷୀୟ ଯୁବକ ସେଠାରୁ କେଉଁଆଡେ ପଳାଇ ଯାଇଥିଲେ। ନିଜ ଗାଁ ମୁଣ୍ଡରାଗୁଡାରେ ବିରୋଧ ପରେ ସେ ତାଙ୍କ ମାମୁଁ ଘର କଳମପୁର ବ୍ଲକ ଗଞ୍ଜେଇଗୁଡାରେ ରହିଥିଲେ। ଦ୍ୱିତୀୟ ଆକ୍ରାନ୍ତ ୩୫ବର୍ଷୀୟ ଯୁବକ ଗୁଡିପଦର ସଙ୍ଗରୋଧ କେନ୍ଦ୍ରରୁ ତାଙ୍କ ରହଣୀ ଅବଧି ସମାପ୍ତ କରି ଶନିବାର ନିଜ ଗାଁ କୋକସରା ବ୍ଲକ କାଦୋପଦରକୁ ଫେରିଥିଲେ। ଉଭୟଙ୍କ ସ୍ୱାବ ନମୁନା ରିପୋର୍ଟ ପଜିଟିଭ ଆସବା ପରେ ଭବାନୀପାଟଣା କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ୨ ଆକ୍ରାନ୍ତଙ୍କ ସଂସ୍ପର୍ଶରେ କେଉଁମାନେ ଆସିଛନ୍ତି ତାହାର ଯାଞ୍ଚ ଚାଲିଛି। ଆକ୍ରାନ୍ତ ଚିହ୍ନଟ ପରେ କଳମପୁର ବ୍ଲକର ୫ଟି ଗାଁ କଳମପୁର, ବରଗାଁ, କସାବାହି, ଗଞ୍ଜେଇଗୁଡା, ସାଗବାରି ଓ କୋକସରା ବ୍ଲକର କାଦୋପଦର ନୂଆଗୁଡାକୁ ସମ୍ପୃକ୍ତ ସରପଞ୍ଚମାନେ ୪୮ ଘଣ୍ଟା ଶଟ୍‌ଡାଉନ ଘୋଷଣା କରିଥିବା ଜଣାପଡିଛି।

### ସୁନ୍ଦରଗଡ଼: ଗୋଟିଏ ଦିନରେ ୬୬ କରୋନା ପଜିଟିଭ ଚିହ୍ନଟ

ସୁନ୍ଦରଗଡ, ୫।୭ (ଡି.ଏନ.ଏ): ସୁନ୍ଦରଗଡ ଜିଲାରେ ରବିବାର ପୁଣି ୬୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ବର୍ତ୍ତମାନ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୨୩ରେ ପହଞ୍ଚିଛି। ବିବାର ଚିହ୍ନଟ ହୋଇଥିବା ମୋଟ ୬୬ ଆକ୍ରାନ୍ତଙ୍କ ମଧ୍ୟରେ ରାଉରକେଲା ବିଭିନ୍ନ ଟିଏମସିର ୪୬ଜଣ ଏବଂ ସୁନ୍ଦରଗଡ ବିଭିନ୍ନ ଟିଏମସିର ୨୦ଜଣ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ସମସ୍ତ ଆକ୍ରାନ୍ତଙ୍କୁ ରାଉରକେଲା ହାଇଟେକ୍ କୋଭିଡ ହସ୍ପିଟାଲକୁ ପଠାଯାଇଛି। ଏଥିରେ ୧୬ଜଣ କରୋନା ଯୋଦ୍ଧା ରହିଥିବା ବେଳେ ୩ଜଣ ଗର୍ଭବତୀ ମହିଳା ଅଛନ୍ତି। ସେହିପରି ଗତ ୨ଦିନ ତଳେ ରାଉରକେଲା କୋଭିଡ ହସ୍ପିଟାଲରେ ଚିକିତ୍ସାଧୀନ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁକୁ ରବିବା ସରକାରୀ ଭାବେ ଘୋଷଣା କରାଯାଇଛି।

### ବଜ୍ରପାତରେ ରାସ୍ତା, ଘର କାନ୍ଥ ଫାଟିଲା

**ନୂଆପଡା ଅଫିସ,୫।୭:** ନୂଆପଡା ଜିଲା ସଦର ମହକୁମାସ୍ଥିତ ସାଲେଭଟା ଗାଁରେ ବଜ୍ରପାତ ହୋଇ ଗାଁର ରାସ୍ତା, ବାଡି, ଘର କାନ୍ଥରେ ଫାଟ ଦେଖାଦେଇଛି। ନାରାୟଣ ରାଉତ ଏବଂ ତିହାରି ରାଉତଙ୍କ ଘର କାନ୍ଥରେ ଫାଟ ସୃଷ୍ଟି ହୋଇଛି। ତେବେ ଗ୍ରାମବାସୀ ଅଳ୍ପକେ ବର୍ତ୍ତିଯାଇଥିଲେ ମଧ ଏହାକୁ ନେଇ ଆତଙ୍କିତ ହୋଇପଡିଛନ୍ତି। ଶୁକ୍ରବାର ରାତିରେ ହଠାତ ଘଡଘଡି ସହ ବଜ୍ରପାତ ହୋଇଥିଲା। ଏଥିରେ ସାଲେଭଟା ଗାଁର ମୁଖ୍ୟ ରାସ୍ତା ଫାଟି ଆଁ କରିଥିବାବେଳେ ସ୍ଥାନୀୟ ୫୦ ମିଟର ଅଞ୍ଚଳରେ ଗାତ ସୃଷ୍ଟି ହୋଇଛି। ବିଭିନ୍ନ ଜାଗାରେ ବାରୁଦ ଅଂଶ ଛିଟିକି ପଡିଥିବା ଦେଖିବାକୁ ମିଳିଛି। ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ରୁଣ୍ଡ ହୋଇଥିଲେ।

# ଧାଙ୍ଗରିନଚାକୁ କାଳ ପଥର ଖଣି

**କୁଆଁରମୁଣ୍ଡା,୪।୭(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ୍ ଅଧୀନ ବୀରମିତ୍ରପୁର ତହସିଲ ଅଞ୍ଚଳରେ ଦିନକୁ ଦିନ ପଥର,ବାଲି, ମୋରମ୍, ମାଟି ଇତ୍ୟାଦି ଲୁଟ୍ ହେଉଛି। ତହସିଲ ଅଫିସ୍ ଓ ଥାନା ଆଗ ଦେଇ ଏସବୁ ଚାଲାଣ ହେଉଛି। ଅଧିକାରୀମାନେ ଏସବୁ ଦେଖି ମଧ ଚୁପ୍। କିଏ ଆଉ କୁଆଡ଼େ ଏ ସବୁ ନେଉଛି ତାହା କେବେ ଅଧିକାରୀମାନେ ଜାଣିବାକୁ ଚେଷ୍ଟା କରୁ ନାହାନ୍ତି। ସ୍ଥାନୀୟ ଲୋକେ ଅଭିଯୋଗ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏହାର ଉଦାହରଣ ହେଉଛି ବୀରମିତ୍ରପୁର ତହସିଲ ଅଧୀନ ଅନ୍ଧାରୀ ପଞ୍ଚାୟତର ଧାଙ୍ଗରିନଚା ଗାଁ।

ଏହି ଗାଁର ପାତ୍ରାଟୋଲି ପାହାଡ଼ି ଜଙ୍ଗଲରେ ବର୍ଷେ ହେଲା ଏକ ବେଆଇନ ପଥର ଖଣି ଖୋଲା ଯାଇଛି। ବୀରମିତ୍ରପୁର ତହସିଲ ନିକଟରୁ ଏହା ମାତ୍ର ୨ କି.ମି ଦୂର। ପ୍ରତିଦିନ ବିସ୍ଫୋରଣ କରି ପଥର ଫଟା ଯାଉଛି। ଏହାପରେ ଟ୍ରିପ୍ ଟ୍ରିପ୍ ପଥର ବୀରମିତ୍ରପୁର, ବିଜାବାହାଲ ଓ ଅନ୍ୟାନ୍ୟ ଅଞ୍ଚଳର କ୍ରଶରଗୁଡିକୁ ଚାଲାଣ କରାଯାଉଛି।



ତେବେ ବିସ୍ଫୋରଣ ଯୋଗୁ ସ୍ଥାନୀୟ ଅଞ୍ଚଳର ମୁକୁଟ ଲୁଗୁନ, ଆଣ୍ଟୋନୀ ଲୁଗୁନ, ନେଲସନ ଲୁଗୁନଙ୍କ କୋଠା ଘରର କାନ୍ଥ ଫାଟି ଯାଇଛି। ସେହିଭଳି ଗାଁ ରାସ୍ତା ଦେଇ ପ୍ରତିଦିନ ଟ୍ରିପ୍ ଟ୍ରିପ୍ ପଥର ଯାଉଥିବାରୁ ରାସ୍ତା ନଷ୍ଟ ହୋଇଗଲାଣି। ଖରାଦିନେ ଉଡୁଛି। ବର୍ଷାଦିନେ ରାସ୍ତାରେ ହୋଇଥିବା ଖାଲଖମାରେ ପାଣି ଜମି କାଦୁଆ ହୋଇଯାଉଛି। ଏହାଦ୍ୱାରା ଦୁର୍ଘଟଣା ମଧ ଘଟୁଛି। ଏ ନେଇ ଗ୍ରାମବାସୀ ଗତ ଗୁରୁବାର ବୀରମିତ୍ରପୁର ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ଉକ୍ତ ବେଆଇନ ପଥର ଖଣି ଯୋଗୁ ସେମାନେ କିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ବିଷୟରେ ଅବଗତ କରିଥିଲେ। ଏହାସହ ତୁରନ୍ତ ଉକ୍ତ ଖଣିକୁ ବନ୍ଦ କରିବାକୁ ଦାବି କରିଥିଲେ। ଏଣୁ ଶନିବାର ତହସିଲଦାର ଧାଙ୍ଗରିନଚା ଗାଁକୁ ଯାଇ ପରିସ୍ଥିତି ଦେଖିଥିଲେ। ଏହା ସହ ପଥର ଖାଦାନ ନିକଟକୁ ମଧ ଯାଇ ଫେରି ଆସିଥିଲେ। ତେବେ ୨ ଦିନ ଭିତରେ ତହସିଲଦାର ଯଦି ଗ୍ରାମବାସୀଙ୍କ ସମସ୍ୟା ସମାଧାନ ନ କରନ୍ତି ଓ ଏହି ବେଆଇନ ଖଣିକୁ ବନ୍ଦ କରିବାର ବ୍ୟବସ୍ଥା ନ କରନ୍ତି ତେବେ ଗ୍ରାମବାସୀ ରାସ୍ତା ଅବରୋଧ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଏ ନେଇ ବୀରମିତ୍ରପୁର ତହସିଲଦାର ଅଂଶୁମାନ ଦାଶଙ୍କୁ ପଚାରିବାରୁ ସେ ପଥର ଖଣି ନିକଟକୁ ଯାଇ ଅନୁଧ୍ୟାନ କରିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ଘରର ଲୋକଙ୍କ ସହ କଥା ହୋଇଛନ୍ତି। ତେବେ ଉକ୍ତ ପଥରଖଣିର ନିଜସ୍ୱ ବ୍ଲାଷ୍ଟିଂ ଅପରେଟିଂ ଲାଇସେନ୍ସ ନାହିଁ। ହେଲେ ସେ ଅନ୍ୟଠାରୁ ଆଣି ବ୍ଲାଷ୍ଟିଂ କରୁଛନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷେ ଗାଁ ରାସ୍ତା ଦେଇ ଭାରିଯାନ ଚଳାଚଳ କରିବା ଯୋଗୁ ରାସ୍ତା ନଷ୍ଟ ହେଉଥିବା ଉପରେ ଉକ୍ତ ପଥରଖଣି ମାଲିକଙ୍କଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି ବୋଲି କହିଛନ୍ତି।

# ସଙ୍ଗରୋଧ କେନ୍ଦ୍ର ସମ୍ମୁଖରେ ଉତ୍ତେଜନା

**ସମ୍ବଲପୁର, ୫।୭ (ବ୍ୟୁରୋ)**

**ଗିରିପାଲି ଗାଁ ୩ ଦିନ ଶଟ୍‌ଡାଉନ**

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ କୁକୁଡାପାଲି ପଞ୍ଚାୟତର ଗିରିପାଲି ଗ୍ରାମକୁ ୩ଦିନ ପାଇଁ ସଟ୍‌ଡାଉନ ଘୋଷଣା କରାଯାଇଛି। ଗିରିପାଲି କ୍ୱାରାଣ୍ଟାଇନ ସେଣ୍ଟରରେ ୨ଜଣ ସଂକ୍ରମିତ ଥିବା ସନ୍ଦେହ କରି ଏଭଳି ପଦକ୍ଷେପ ନେଇଥିବା କୁକୁଡାପାଲି ସରପଞ୍ଚ ଅମ୍ବିକା କୁମୁରା ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଏହି ଖବର ପ୍ରଚାର ହେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଲୋକମାନେ ଗିରିପାଲି ସଙ୍ଗରୋଧ କେନ୍ଦ୍ର ସମ୍ମୁଖକୁ ଯାଇ ହୋହଲ୍ଲା କରିଥିଲେ। ପୂର୍ବରୁ ଗିରିପାଲି ସ୍କୁଲରେ କ୍ୱାରାଣ୍ଟାଇନ କେନ୍ଦ୍ର ଖୋଲିବାକୁ ବିରୋଧ କରାଯାଇଥିଲା। ହେଲେ ବ୍ଲକ ପ୍ରଶାସନ କାହିଁକି ଏଠାରେ କ୍ୱାରାଣ୍ଟାଇନ ସେଣ୍ଟର ଖୋଲିଲା ବୋଲି ଲୋକେ ପ୍ରଶ୍ନ କରିଥିଲେ। କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିବା ଯୁବକମାନେ କଟକଣା ମାନୁନାହାନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ଶାସନ ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା।

ସୂଚନାଯୋଗ୍ୟ ଯେ, ବିଭିନ୍ନ ରାଜ୍ୟରୁ ପ୍ରାୟ ୩୦ ଜଣ ପ୍ରବାସୀ ଶ୍ରମିକ ଆସି ଗିରିପାଲି କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଛନ୍ତି। ସମସ୍ତଙ୍କ ସ୍ୱାବ୍ ପରୀକ୍ଷା ପାଇଁ ବୁର୍ଲା ଭିମସାରକୁ ପଠାଯାଇଥିଲା। ରିପୋର୍ଟ ଆସି ନ ଥିଲେ ମଧ ଉକ୍ତ ଅଞ୍ଚଳରେ ୩ଜଣଙ୍କ ପଜିଟିଭ ଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକମାନେ ସଙ୍ଗରୋଧ କେନ୍ଦ୍ର ସମ୍ମୁଖରେ ପାଟିତୁଣ୍ଡ କରିଥିଲେ। ଏ ସମ୍ପର୍କରେ ଝୁଝୁମୁରା ବିଡିଓ ସରୋଜ ବିଶ୍ୱାଳ କହିଛନ୍ତି ଯେ, ପ୍ରତି ପଞ୍ଚାୟତରେ କ୍ୱାଣ୍ଟାଇନ ସେଣ୍ଟର ଖୋଲିବାର ନିୟମ ରହିଛି। ତେଣୁ ଗିରିପାଲିରେ ଖୋଲା ଯାଇଥିଲା। ଝୁଝୁମୁରା ବ୍ଲକକୁ ଆସୁଥିବା ପ୍ରବାସୀ ଶ୍ରମିକମାନଙ୍କୁ ପର୍ଯ୍ୟାୟ କ୍ରମେ ବିଭିନ୍ନ ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ରଖାଯାଉଛି। ସେମାନଙ୍କର ସ୍ୱାବ୍ ପରୀକ୍ଷା ପରେ ଘରକୁ ଛାଡି ଦିଆଯାଉଛି। ସଙ୍ଗରୋଧ କେନ୍ଦ୍ର ଗୁଡିକରେ ସୁରକ୍ଷା ବ୍ୟବସ୍ଥା କଡାକଡି ରହିଛି। ସମସ୍ତେ କଟକଣା ପାଳନ କରୁଛନ୍ତି ବୋଲି ବିଡିଓ ବିଶ୍ୱାଳ କହିଥିଲେ।

# ଆକ୍ରମଣ ଅଭିଯୁକ୍ତଙ୍କ ଗିରଫ ଦାବି ତେଜିଲା

**ଲୋଇସିଂହା, ୫।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ଆଡେନଡୁଙ୍ଗରୀ ଗ୍ରାମର ଗୋଟିଏ ପରିବାରର ସଦସ୍ୟମାନଙ୍କ ଉପରେ ଗତ ଜୁନ ୨୯ତାରିଖରେ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗ ପରେ ଫେରାର ମୁଖ୍ୟ ଅଭିଯୁକ୍ତ ସଞ୍ଜୀବ ଭୋଇଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଦୁଇ ଅଭିଯୁକ୍ତ ଏବେବି ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଥିବା ଅଭିଯୋଗ କରିଛି ଆଦିବାସୀ ସଂଘ। ଅଭିଯୋଗ ମତେ, ଗତ ଜୁନ ୨୯ ତାରିଖ ଅପରାହ୍ନରେ ଆଡେନଡୁଙ୍ଗରୀ ଗ୍ରାମର ରଞ୍ଜନ ମିର୍ଦ୍ଧା ଗାଁ ରାସ୍ତାରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଗ୍ରାମର ୩ ଜଣ ବ୍ୟକ୍ତି ତାଙ୍କୁ ବେଲଚା ଓ ପଥରରେ ଆକ୍ରମଣ କରିଥିଲେ। ଖବର ପାଇ ରଞ୍ଜନଙ୍କ ମା'ବାପା ଘଟଣାସ୍ଥଳକୁ ଆସି ଗଣ୍ଡଗୋଳ ପ୍ରଶମିତ କରିବାକୁ ଉଦ୍ୟମ କଲାବେଳେ ସେମାନେ ମଧ୍ୟ ଦୁର୍ବୃତ୍ତଙ୍କ ରୋଷର ଶିକାର ହୋଇଥିଲେ। ସଂଘବଦ୍ଧ ଆକ୍ରମଣରେ ସାରା ପରିବାର ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାକୁ ନେଇଥିଲେ। ପରେ ସେମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ରଞ୍ଜନଙ୍କ ପରିବାର ଲୋକେ ସୁସ୍ଥ ହୋଇ ଫେରିବା ପରେ ଜୁଲାଇ ୧ରେ ଘଟଣା ସଂକ୍ରାନ୍ତରେ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଆଦିବାସୀ ନେତା ବଳଦେବ ଭୋଇ, ଶ୍ୟାମସୁନ୍ଦର ଭୋଇ, ଭୁବନ ଧରୁଆ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଲଳିତା ଲାକ୍ରାଙ୍କୁ ପଚାରିବାରୁ ପୂର୍ବ ଶତ୍ରୁତାରୁ ଏହି କାଣ୍ଡ ଘଟିଛି। ଏହି ଘଟଣାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଛି ବୋଲି କହିଛନ୍ତି।

# ବିପିୟୁଟିର ଅନ୍‌ଲାଇନ୍ ପରୀକ୍ଷା ନିଷ୍ପତ୍ତିକୁ ବିରୋଧ

**ବଲାଙ୍ଗୀର ଅଫିସ, ୫।୭**

କରୋନା ମହାମାରୀ ଭୟଙ୍କର ରୂପ ନେଉଥିବାବେଳେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) କର୍ତ୍ତୃପକ୍ଷ ଅନ୍‌ଲାଇନ ପରୀକ୍ଷା ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଭଳି ନିଷ୍ପତ୍ତିକୁ ଛାତ୍ର ସଙ୍ଗଠନ ଅଲ ଇଣ୍ଡିଆ ଡେମୋକ୍ରେଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେସନ୍ ଓଡିଶା ରାଜ୍ୟ ପରିଷଦ ପକ୍ଷରୁ ବିରୋଧ କରାଯାଇଛି । ସଙ୍ଗଠନ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ ଏବଂ ସମ୍ପାଦକ ସୁବାସ ନାୟକ ଏକ ପ୍ରେସ ବିବୃତିରେ ଅନ୍‌ଲାଇନ ପରୀକ୍ଷା ପରିଚାଳନା କରିବା ପାଇଁ ବିପିୟୁଟି କର୍ତ୍ତୃପକ୍ଷ ଦୀର୍ଘ ୨୩ ପୃଷ୍ଠା ବିଶିଷ୍ଟ ଯେଉଁ ନିୟମାବଳୀ ଜାରି କରିଛନ୍ତି ତାହାକୁ ଲକ୍‌ଡାଉନ ପରିସ୍ଥିତିରେ ରାଜ୍ୟର ବିଭିନ୍ନ ପ୍ରାନ୍ତ ଏପରିକି ରାଜ୍ୟ ବାହାରେ ଥିବା ସହସ୍ରାଧିକ ଛାତ୍ରୀଛାତ୍ରଙ୍କ ପକ୍ଷରେ ପାଳନ କରିବା ଅସମ୍ଭବ ବ୍ୟାପାର। ସରକାରଙ୍କର ଏହି ନିୟମାବଳୀ ଅନୁଯାୟୀ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଏକ କମ୍ପ୍ୟୁଟର, ୱେବ୍ କ୍ୟାମ୍, ଇଣ୍ଟରନେଟ୍ ଏବଂ ତିନି ଘଣ୍ଟାର ଲଗାତର ବିଦ୍ୟୁତ ସଂଯୋଗର ଆବଶ୍ୟକତା ରହିଛି। ଏହି ନିୟମାନୁସାରେ ଦୁଇ ଘଣ୍ଟାର ଏହି ପରୀକ୍ଷା ଚାଲୁଥିବା ସମୟରେ ମାତ୍ର ୧୫ ମିନିଟ ପାଇଁ ଯଦି କୌଣସି ପରୀକ୍ଷାର୍ଥୀଙ୍କର ନେଟ୍‌ୱାର୍କ ସମସ୍ୟା, ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କିମ୍ବା ଯେକୌଣସି ଯାନ୍ତ୍ରିକ ତ୍ରୁଟି ଦେଖାଯାଏ ତେବେ ତାଙ୍କ ପରୀକ୍ଷାକୁ ଅସିଦ୍ଧ ଘୋଷଣା କରାଯିବ। ଏହି ସମସ୍ତ ନିୟମାବଳୀକୁ ଆମ ରାଜ୍ୟର ଗ୍ରାମାଞ୍ଚଳର ଛାତ୍ରୀଛାତ୍ରମାନଙ୍କ କଥା ଛାଡନ୍ତୁ ଏପରିକି ସହରାଞ୍ଚଳରେ ବସବାସ କରୁଥିବା ଛାତ୍ରୀଛାତ୍ରୀମାନେ ପାଳନ କରିବା ଅସମ୍ଭବ। ଏଣୁ ଅନ୍‌ଲାଇନ ଜରିଆରେ ପରୀକ୍ଷା କରିବାର ଏଭଳି ତ୍ରୁଟିପୂର୍ଣ୍ଣ, ଅବୈଜ୍ଞାନିକ ଓ ଅଗଣତାନ୍ତ୍ରିକ ନିଷ୍ପତ୍ତିକୁ ବିପିୟୁଟି କର୍ତ୍ତୃପକ୍ଷ ତଥା ରାଜ୍ୟ ସରକାର ଅବିଳମ୍ବେ ବାତିଲ କରିବାକୁ ଏଆଇଡିଏସ୍‌ଓ ପକ୍ଷରୁ ଦାବି କରାଯାଇଛି । ନଚେତ୍ ଆଗାମୀ ଦିନରେ ଯେଉଁ ପରିସ୍ଥିତି ଉପୁଜିବ ସେଥିପାଇଁ ରାଜ୍ୟ ସରକାର ଓ ବିପିୟୁଟି କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ବଲାଙ୍ଗୀର ଜିଲା କମିଟି ସଭାପତି ରାଜେନ୍ଦ୍ର ରଣା, ସମ୍ପାଦକ ମଧୁସୁଦନ ବାଗଙ୍କୁ ଜଣାଇଛନ୍ତି।

# ୧୧ ଯାଏ କଲୁଙ୍ଗା ପଞ୍ଚାୟତ କଣ୍ଟେନମେଣ୍ଟ ଜୋନ

**ବେଦବ୍ୟାସ, ୫।୭ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଅନ୍ତର୍ଗତ କଲୁଙ୍ଗା ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ର (ଟିଏମସି)ରେ ରହୁଥିବା ଜଣେ ମହିଳା କରୋନା ପଜିଟିଭ ଚିହ୍ନଟ ହେଲା ପରେ ସରପଞ୍ଚ ସୀତା ମିଞ୍ଜ ପଞ୍ଚାୟତକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଏ ନେଇ ସେ ଜିଲାପାଳ, ପାନପୋଷ ଉପଜିଲାପାଳ, ଲାଠିକଟା ବିଡିଓ, ତହସିଲଦାର ଓ ବ୍ରାହ୍ମଣୀତରଙ୍ଗ ଥାନାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଗ୍ରାମବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ରବିବାର ସକାଳ ୭ଟାରୁ ୧୧ ତାରିଖ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଉକ୍ତ ପଞ୍ଚାୟତକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏତତ୍‌ବ୍ୟତୀତ ଉକ୍ତ ଦିନ ଗୁଡିକରେ କେବଳ ଔଷଧ ଓ ତେଜରାତି ଦୋକାନ ସକାଳ ୭ରୁ ୯ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି କୁହାଯାଇଛି।

# କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୧୬କୁ ବୃଦ୍ଧି



ଶଟ୍‌ଡାଉନ ଯୋଗୁ ବଲାଙ୍ଗୀର ସହର ଶୂନଶାନ ହୋଇପଡିଛି।

**ବଲାଙ୍ଗୀର ଅଫିସ, ୫।୭**

**ସରିଲା ୨ଦିନିଆ ଶଟ୍‌ଡାଉନ**

କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ଜିଲା ପ୍ରଶାସନ ପକ୍ଷରୁ ନୂଆ ନିର୍ଦ୍ଦେଶାବଳୀ ଜାରି କରାଯିବା ପରେ ଜୁଲାଇ ମାସର ପ୍ରଥମ ଶନିବାର ଓ ରବିବାର ବଲାଙ୍ଗୀର ସହର ଓ ଜିଲା ଶଟ୍‌ଡାଉନ୍ ରହିଛି। ସମସ୍ତ ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ ଅଫିସ, ବ୍ୟାଙ୍କ, ଡାକଘର ବନ୍ଦ ରହିଥିଲା। ପୋଲିସ ବିଭାଗ ପାଟ୍ରୋଲିଂକୁ କଡାକଡି କରିଛି। ଅପରପକ୍ଷରେ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୧୬କୁ ବୃଦ୍ଧି ପାଇଛି। ସେଥିରୁ ୫୧ ଜଣ ସକ୍ରିୟ ରହିଥିବାବେଳେ ୧୬୫ ଜଣ ସୁସ୍ଥ ହୋଇଛନ୍ତି। ପୁଇଁତଲା ବ୍ଲକ ଜାମସର ଗାଁରେ ଦୁଇଜଣ ଓ ପାଟଣାଗଡ ବ୍ଲକ ବାଲିପଟାର ଜଣେ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ସହର ହାତୀଶାଳପଡା କଣ୍ଟେନମେଣ୍ଟ ଜୋନରେ ଗୁରୁବାର ରିପୋର୍ଟ ସୁଦ୍ଧା ୧୮ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏହାପରେ ନୂଆ ସଂକ୍ରମିତଙ୍କ ରିପୋର୍ଟ ଆଉ ଆସିନାହିଁ । ଏହି ଅଞ୍ଚଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୭ ରହିଛି। କଣ୍ଟାକ୍ଟ ଟ୍ରେସିଂ ଜାରି ରହିଛି। ଏହି ଅଞ୍ଚଳରୁ ୯୧ ଜଣଙ୍କ ସ୍ୱାବ୍ ସଂଗ୍ରହ ହୋଇ ପରୀକ୍ଷା ପାଇଁ ଯାଇଛି।

# ଭକ୍ତଙ୍କୁ ମିଳିଲା ନୀଳାଚଳ ଅବଢ଼ା

**ପୁରୀ ଅଫିସ, ୫।୭**

**ଦର୍ଶନ ମିଳୁ ନ ଥିବାରୁ ଶ୍ରଦ୍ଧାଳୁଙ୍କ ମନଉଣା**

ଚଳିତବର୍ଷର ସ୍ୱତନ୍ତ୍ର ତଥା ସ୍ମରଣୀୟ କୁହାଯାଉଥିବା ଭକ୍ତଶୂନ୍ୟ ରଥଯାତ୍ରା ସରିଯାଇଛି। ରତ୍ନସିଂହାସନରେ ବିରାଜମାନ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ରବିବାର ମହାପ୍ରଭୁଙ୍କୁ ଲାଗି ହୋଇଛି ମହାପ୍ରସାଦ। ଭକ୍ତ ପାଇଛନ୍ତି ନୀଳାଚଳ ଅବଢ଼ା। ହେଲେ ମହାମାରୀ କରୋନା ପାଇଁ ଭକ୍ତଙ୍କୁ ମିଳୁନି ଦାରୁଦିଅଁଙ୍କ ଦର୍ଶନ ସୁଯୋଗ। ସାଢେ ୩ ମାସ ହେବ ଶ୍ରୀମନ୍ଦିରକୁ ଯାଉନାହାନ୍ତି ଶ୍ରଦ୍ଧାଳୁ। ସେଥିପାଇଁ ମନଉଣା କରୁଛନ୍ତି। ତଥାପି କରୋନାର ବିଭୀଷିକାକୁ ଦେଖି ସରକାରୀ ନିଷ୍ପତ୍ତିକୁ ଯଥାର୍ଥତା ଦର୍ଶାଇ ପତିତପାବନଙ୍କୁ ମୁଣ୍ଡିଆ ମାରି ଫେରୁଛନ୍ତି।

ଶ୍ରୀଗୁଣ୍ଡିଚା ଯାତ୍ରାଠାରୁ ଶ୍ରୀମନ୍ଦିରରେ ଅବଢ଼ା ବନ୍ଦ ରହିଥିଲା। ଚତୁର୍ଦ୍ଧାବିଗ୍ରହ ନବଦିନାତ୍ମକ ଯାତ୍ରା ଶେଷ କରି ଶନିବାର ବାହୁଡ଼ିଛନ୍ତି ଶ୍ରୀମନ୍ଦିର। ଖାଲିପଡ଼ିଥିବା ରତ୍ନସିଂହାସନ ମହାପ୍ରଭୁଙ୍କ ଉପସ୍ଥିତିରେ ଶୋଭାବର୍ଦ୍ଧନ କରୁଛି। ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ପୁଣି ପୂର୍ବପରି ସ୍ୱାଭାବିକ ହୋଇଛି। ଭକ୍ତଙ୍କୁ ମିଳିଛି ନୀଳାଚଳ ଅବଢ଼ା। ରବିବାର ସକାଳ ସାଢେ ୭ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟିଥିଲା। ଏହାପରେ ମନ୍ଦିର ଭିତର ଶୋଧ କରାଯାଇ ସକାଳ ୮ଟା ୨୦ରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ହୋଇଥିଲା। ପୂର୍ବାହ୍ନ ୧୦ଟାରେ ଅବକାଶ ନୀତି ବଢିଥିଲା। ଏହାପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଏବଂ ଠାକୁରଙ୍କ ବେଶ ବଢିଥିଲା। ପୂର୍ବାହ୍ନ ୧୧ଟା ୪୦ରେ ଗୋପାଳ ବଲ୍ଲଭ ନୀତି ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ୧୨ଟା ୫୫ରେ ସକାଳ ଧୂପ ସରିବା ପରେ ଭୋଗ ମଣ୍ଡପ ବଢି ବାହାରିଥିଲା ନୀଳାଚଳ ଅବଢ଼ା। କିନ୍ତୁ କୌଣସି ଭକ୍ତ ମନ୍ଦିର ଭିତରକୁ ଯାଇ ନ ଥିଲେ କି ମହାପ୍ରଭୁଙ୍କୁ ଦର୍ଶନ କରିପାରି ନ ଥିଲେ। ପୂର୍ବ ଭଳି ଉତ୍ତର ଦ୍ୱାରରେ ମହାପ୍ରସାଦ ନେଇଥିଲେ। ନୀଳାଚଳ ଅବଢା ପାଇ ତୃପ୍ତ ହୋଇଥିଲେ ଭକ୍ତ। କିନ୍ତୁ କାଳିଆ ଠାକୁରଙ୍କ ଦର୍ଶନ କରିପାରୁ ନ ଥିବାରୁ ଅନେକ ଭକ୍ତ ମନ ଉଣା କରିଥିଲେ।




## ବନ ମହୋତ୍ସବ ୨୦୨୦

### ବୃକ୍ଷ ଲଗାନ୍ତୁ, ଭବିଷ୍ୟତ ବଞ୍ଚାନ୍ତୁ

No.MM-50:- **'ସର୍ବସାଧାରଣ ପାଇଁ ସୂଚନା'**

୧. ସାଧାରଣତଃ ବନ ମହୋତ୍ସବ ସପ୍ତାହ ଜୁଲାଇ ମାସର ପ୍ରଥମ ସପ୍ତାହରେ ପାଳନ କରାଯାଇ ବୃକ୍ଷ ଚାରା ବିତରଣ ଶୁଭାରମ୍ଭ କରାଯାଇଥାଏ ଓ ଏହି ବିତରଣ ପ୍ରକ୍ରିୟା ବର୍ଷା ଋତୁ ଶେଷ ପର୍ଯ୍ୟନ୍ତ ଜାରିରହିଥାଏ । ଚଳିତ ବର୍ଷ ପ୍ରାୟତଃ ୧୩ କୋଟି ବୃକ୍ଷ ଚାରା ଉତ୍ପନ୍ନ କରାଯାଇଛି, ଯାହା କି ରାଜ୍ୟର ଜଙ୍ଗଲ ବିଭାଗ ତରଫରୁ ଅଦ୍ୟାବଧି ଉତ୍ପନ୍ନ କରାଯାଇଥିବା ଚାରା ସଂଖ୍ୟାର ସର୍ବାଧିକ ଅଟେ । ଏହି ଚାରା ବିତରଣ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସାମିଲ କରାଯିବାର ବ୍ୟବସ୍ଥା କରାଯାଇଅଛି । ସହରାଞ୍ଚଳରେ ଜନସାଧାରଣ ସିଧାସଳଖ ଭାବରେ ଚାରା ଉତ୍ପାଦନ କେନ୍ଦ୍ରରୁ ଓ ଚାରା ବିତରଣ ଷ୍ଟଲରୁ ଆବଶ୍ୟକୀୟ ବୃକ୍ଷ ଚାରା ପାଇପାରିବେ ଏବଂ ଗ୍ରାମମାନଙ୍କରେ ଓ ଗ୍ରାମପଞ୍ଚାୟତରେ ଗ୍ରାମବାସୀମାନେ ଭ୍ରାମ୍ୟମାଣ ଚାରା ବିତରଣ ଯାନରୁ ଚାରା ପାଇପାରିବେ, ଏହି ତଥ୍ୟ ବନଖଣ୍ଡ ଅଧିକାରୀମାନଙ୍କ ଦ୍ୱାରା ଜନସାଧାରଣଙ୍କୁ ଅବଗତ କରାଯିବ ।
୨. ପସନ୍ଦ ଅନୁଯାୟୀ ଚାରା ପାଇବା ପାଇଁ ପ୍ରତ୍ୟେକ ବନଖଣ୍ଡ ଅନ୍ତର୍ଭୁକ୍ତ ଜିଲାରେ ଚାରା ବିତରଣ ନିମିତ୍ତ ଷ୍ଟଲ ଏବଂ ଭ୍ରାମ୍ୟମାଣ ଚାରା ବିତରଣ ଯାନ ଦ୍ୱାରା ଚାରା ବିତରଣ ଜୁଲାଇ ମାସ ୧ ତାରିଖଠାରୁ ଜୁଲାଇ ମାସ ୭ ତାରିଖ ୨୦୨୦ ପର୍ଯ୍ୟନ୍ତ କରାଯିବ, ଯାହାର ଷ୍ଟଲ ସମ୍ବନ୍ଧୀୟ ବନଖଣ୍ଡୱାରି ତଥ୍ୟ, ବୃକ୍ଷଚାରା (ପ୍ରଜାତି ଅନୁଯାୟୀ) ଏବଂ ଚାରା ବିତରଣ କେନ୍ଦ୍ର ଦାୟିତ୍ୱରେ ଥିବା ଜଙ୍ଗଲ ଅଧିକାରୀଙ୍କ ନାମ ଓ ଯୋଗାଯୋଗ ନମ୍ବରର ଏକ ବିସ୍ତୃତ ବିବରଣୀ ଜଙ୍ଗଲ ବିଭାଗର ୱେବ୍‌ସାଇଟ୍ (www.odishaforest.in)ରେ ଉପଲବ୍ଧ ହେବ ।
୩. ଚଳିତ ବର୍ଷ ଜଙ୍ଗଲ ବିଭାଗ ବ୍ୟତୀତ ଅନ୍ୟାନ୍ୟ ସରକାରୀ ବିଭାଗ ତଥା– ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା ମିଶନ, ଶକ୍ତି, କୃଷି, ଗୃହ ଓ ନଗର ଉନ୍ନୟନ, ପଞ୍ଚାୟତିରାଜ, ଜଳ ସମ୍ପଦ, ଅନୁସୂଚିତ ଜନଜାତି ଉନ୍ନୟନ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ପ୍ରଭୃତି ମଧ ବୃକ୍ଷଚାରା ବିତରଣ ଓ ସେମାନଙ୍କର ନିଜ ନିଜ ବିଭାଗର ସରକାରୀ ଜାଗାରେ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହେବେ।
୪. କୋଭିଡ୍–୧୯ର ନିର୍ଦ୍ଦେଶାବଳୀ ଅନୁସରଣ ପୂର୍ବକ ବନ ମହୋତ୍ସବରେ ନିର୍ବାଚିତ ଜନ ପ୍ରତିନିଧି, ସରକାରୀ ପଦାଧିକାରୀ, ପଞ୍ଚାୟତ ସମିତି ସଭ୍ୟ, ନ୍ୟାୟପାଳିକା, ବନ ସୁରକ୍ଷା ସମିତି ସଭ୍ୟ, ବେସରକାରୀ ସଙ୍ଗଠନ, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା ତଥା ଛାତ୍ରଛାତ୍ରୀମାନଙ୍କୁ ସାମିଲ କରାଯାଇ ପ୍ରତ୍ୟେକ ବୃକ୍ଷରୋପଣ ସ୍ଥାନରେ ପାଳନ କରାଯିବ ।
୫. ଯେକୌଣସି ପ୍ରକାର ସୂଚନା/ସୁନିଶ୍ଚିତତା ନିମନ୍ତେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶା, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର–୨୯, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟର ୨୪x୭ ନିୟନ୍ତ୍ରଣ କକ୍ଷ ଦୂରଭାଷ ସଂଖ୍ୟା–୧୮୦୦୩୪୫୭୧୫୮କୁ ଯୋଗାଯୋଗ କରାଯାଇପାରିବ ।
୬. ଭ୍ରାମ୍ୟମାଣ ବୃକ୍ଷଚାରା ବିତରଣ ଯାନରୁ ଓ ଛୋଟ ଚାରା ବିତରଣ କେନ୍ଦ୍ରରୁ ସହରାଞ୍ଚଳରେ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ସର୍ବାଧିକ ୫ଟି ବୃକ୍ଷଚାରା ଓ ଗ୍ରାମାଞ୍ଚଳରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସର୍ବାଧିକ ୧୦ଟି ବୃକ୍ଷଚାରା ଦିଆଯାଇପାରିବ ଏବଂ ପ୍ରତ୍ୟେକ ଅନୁଷ୍ଠାନକୁ ସର୍ବାଧିକ ୧୦୦ଟି ବୃକ୍ଷଚାରା ପ୍ରଦାନ କରାଯାଇପାରିବ ।
୭. ଜନସାଧାରଣଙ୍କ ପାଇଁ ପ୍ରତି ବୃକ୍ଷଚାରାର ମୂଲ୍ୟ ୧.୦୦ ଟଙ୍କା ଧାର୍ଯ୍ୟ ହୋଇଅଛି ଓ ସରକାରୀ ବିଦ୍ୟାଳୟ/ଶିକ୍ଷାନୁଷ୍ଠାନମାନଙ୍କୁ ଓ ଅନ୍ୟାନ୍ୟ ସରକାରୀ ସଂସ୍ଥାମାନଙ୍କୁ ବିନା ମୂଲ୍ୟରେ ବୃକ୍ଷଚାରା ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଅଛି । ସବୁଜ ମହାନଦୀ ମିଶନ ଆନୁକୂଲ୍ୟରେ ଜନସାଧାରଣ ଓ ସରକାରୀ ସଂସ୍ଥାମାନଙ୍କୁ ବୃକ୍ଷଚାରା ପ୍ରଦାନ ନିମନ୍ତେ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଦେୟମୁକ୍ତ ବ୍ୟବସ୍ଥା କରାଯାଇଅଛି ।

ଆସନ୍ତୁ, ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦାନକରି ଆମ ରାଜ୍ୟକୁ ଅଧିକ ସବୁଜ ଓ ସୁନ୍ଦର କରିବା।

**ପ୍ରଧାନ ମୁଖ୍ୟ ବନ ସଂରକ୍ଷକ**
**ଓ**
**ଜଙ୍ଗଲ ବାହିନୀ ପ୍ରମୁଖ, ଓଡ଼ିଶା**

OIPR-08002/11/0006/2021

## ସଂକ୍ଷେପରେ

### ଯୁବତୀଙ୍କ ପାଇଁ ପୂରା ପରିବାର ହୋମ୍ କ୍ବାରାଣ୍ଟାଇନରେ

ସମ୍ବଲପୁର, ୫।୭(ବ୍ୟୁରୋ)- ସମ୍ବଲପୁର ସହରର ଅଇଁଠାପାଲି ଥାନା ଅଧୀନ ଏଲ୍ଆଇସି କଲୋନୀର ଜଣେ ଯୁବତୀଙ୍କ ପାଇଁ ତାଙ୍କ ପୂରା ପରିବାରକୁ ହୋମ୍ କ୍ବାରାଣ୍ଟାଇନରେ ରହିବାକୁ ପଡ଼ିଛି। ସମ୍ପୃକ୍ତ ଯୁବତୀ ଜଣକ କରୋନା କଟକଣା ପାଳନ କରି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ରବିବାର ଅପରାହ୍ନରେ ଜିଲା ପ୍ରଶାସନର ଅଧିକାରୀ ପୋଲିସ ସହ ଉକ୍ତ ଘରେ ଚଢ଼ାଉ କରିଥିଲେ। ଯୁବତୀ ଜଣକ କୋଭିଡ୍-୧୯ ଗାଇଡ୍ ଲାଇନ୍ ଉଲ୍ଲଂଘନ କରିଥିବାରୁ ପୂରା ପରିବାରର ୫ ଜଣ ସଦସ୍ୟଙ୍କୁ ହୋମ କ୍ବାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ମିଳିଥିବା ରିପୋର୍ଟ ଅନୁସାରେ ଯୁବତୀ ଜଣଙ୍କ ଜୁନ ୨୫ ତାରିଖରେ ବାଙ୍ଗାଲୋରରୁ ଘରକୁ ଫେରିଛନ୍ତି। ହେଲେ ସେ ରାଜ୍ୟ ବାହାରୁ ଆସିଥିଲେ ବି ପୂର୍ବରୁ କିମ୍ବା ଏଠାକୁ ଆସିବ ପରେ ମଧ ପ୍ରଶାସନକୁ ଏ ସମ୍ପର୍କରେ ଜଣାଇ ନ ଥିଲେ, ବରଂ ସବୁଆଡେ ବୁଲବୁଲି କରିଥିଲେ। ଏହା ଜାଣିବା ପରେ ସ୍ଥାନୀୟ ଲୋକେ ପ୍ରଶାସନ ଓ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ଦୁଇ ଦିନ ତଳେ ତାଙ୍କ ଘରେ ଏକ ଉତ୍ସବ ଆୟୋଜନ କରାଯାଇଥିଲା । ଏଣୁ ଉକ୍ତ କଲୋନୀରେ ରହୁଥିବା ଲୋକେ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି।

### କରୋନା ଯୋଗୁ ଫିକାପଡ଼ିଲା କାଦୋଯାତ୍ରା

ଦେଓଗାଁ, ୫।୭(ଡି.ଏନ.ଏ.)- ପ୍ରତିବର୍ଷ ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ତିଥିରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ବୁଢ଼ିଆଣୀ ମନ୍ଦିରରେ ପ୍ରସିଦ୍ଧ କାଦୋଯାତ୍ରା ଆରମ୍ଭ ହୋଇ ପୂର୍ଣ୍ଣିମା ତିଥିରେ ମୁଖ୍ୟଯାତ୍ରା ଅନୁଷ୍ଠିତ ହୋଇଥାଏ। ହେଲେ ଚଳିତ ବର୍ଷ କରୋନା ମହାମାରୀ ଯୋଗୁ ଶହଶହ ବର୍ଷର ପରମ୍ପରାରେ ପୂର୍ଣ୍ଣଚ୍ଛେଦ ପଡିଛି। ତିଥି ଅନୁସାରେ ରବିବାର ମୁଖ୍ୟଯାତ୍ରା ଅନୁଷ୍ଠିତ ହେବାର ଥିଲା। ହେଲେ କରୋନା କଟକଣା ଯୋଗୁ ଦେବୀଙ୍କ ରାଉତ ଜରାସିଂହା ଜମିଦାର ସାମନ୍ତ ଦୁର୍ଗାପ୍ରସାଦ ସିଂଦେଓ, ସରପଞ୍ଚ କୁଶମଣି ମେହେର, ୩୨ଦେହୁଲିଆ ଗଣ, ବ୍ରଜେନ୍ଦ୍ର ନାରାୟଣ ଆଥ୍ଲେଟିକ ଆସୋସିଏଶନ, ଆୟୋଜକ କମିଟି ତଥା ଗ୍ରାମବାସୀଙ୍କ ନିଷ୍ପତ୍ତିକ୍ରମେ ଯାତ୍ରାକୁ ନିରାଡମ୍ବର ଭାବେ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପ୍ରାତଃରେ ରୀତିନୀତି ଅନୁସାରେ ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା ସମ୍ପନ୍ନ କରାଯାଇଥିଲା । ସମସ୍ତ ପାରମ୍ପରିକ କାର୍ଯ୍ୟକ୍ରମକୁ କମ୍ ସମୟ ମଧରେ ମୁଖ୍ୟ ଦେହୁଲିଆ ସନ୍ତୋଷ ଥନାପତି ଓ ୩୨ଦେହୁଲିଆଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା । ସକାଳ ୭ଟାରେ ମନ୍ଦିର ପରିସର ଶୂନଶାନ ରହିଥିବାରୁ କୌଣସି କାର୍ଯ୍ୟକ୍ରମ ହୋଇ ନ ଥିବା ପରି ମନେହୋଇଥିଲା।

### ବେପାରୀଙ୍କ କବ୍ଜାରେ ରିଷିଡ଼ା ହାଟ

ରିଷିଡ଼ା, ୫।୭ (ଡି.ଏନ.ଏ)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଶନିବାର ହାଟ ଏବେ ବେପାରୀଙ୍କ ନିୟନ୍ତ୍ରଣରେ ରହିଛି। ସେମାନେ ହାଟରେ ମନଇଚ୍ଛା ଦରରେ ଆଳୁ ଓ ଟମାଟୋ ବିକ୍ରି କରୁଛନ୍ତି। ଏବେ ବଲାଙ୍ଗୀରରୁ ବେପାରୀମାନେ ମିନି ଟ୍ରକରେ ଆଳୁ ଓ ଟମାଟୋ ଆଣି ଏଠାରେ ଖୁଚୁରା ବେପାରୀମାନଙ୍କୁ ୪୦କିଲୋ ଆଳୁ ବସ୍ତାକୁ ୧୦୦୦ ଟଙ୍କା ଏବଂ ଟମାଟୋ କ୍ୟାରେଟ ୨୦କିଗ୍ରାକୁ ୮୦୦ ଟଙ୍କାରେ ବିକ୍ରି କରୁଛନ୍ତି। ସେମାନଙ୍କଠାରୁ ନେଇ ଖୁଚୁରା ବେପାରୀ ଆଳୁ କିଗ୍ରା ପ୍ରତି ୩୦ ଓ ଟମାଟୋ ୫୦ ଟଙ୍କାରେ ବିକ୍ରି କରୁଛନ୍ତି। ଫଳରେ ଏହି ହାଟ ଉପରେ ନିର୍ଭର କରୁଥିବା ଲୋକେ ଅଧିକ ଦରରେ ପରିବା କିଣିବାକୁ ବାଧ ହେଉଛନ୍ତି। ଏଥିସହ ହାଟରେ ବାଇଗଣ କିଗ୍ରା ପ୍ରତି ୩୦ ଟଙ୍କା, ପୋଟଳ କିଗ୍ରା ପ୍ରତି ୪୦ ଟଙ୍କା, ଭେଣ୍ଡି କିଗ୍ରା ପ୍ରତି ୪୦ ଟଙ୍କା, କଲରା କିଗ୍ରା ପ୍ରତି ୪୦ ଟଙ୍କା, ଝୁଡଙ୍ଗ କିଗ୍ରା ପ୍ରତି ୫୦ଟଙ୍କାରେ ବିକ୍ରି ହେଉଛି।

### ମରାମତି ପରେ ଦବିଗଲା ରାସ୍ତା, ଯାତାୟାତ ବାଧାପ୍ରାପ୍ତ

ରିଷିଡ଼ା, ୫।୭ (ଡି.ଏନ.ଏ.)-କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ାକୁ ସଂଯୋଗ କରୁଥିବା ରିଷିଡା-ମ.ରାମପୁର ରାସ୍ତାର ବଡଡୁଙ୍ଗୁରୀଗୁଡା ନିକଟରେ ମୁଖ୍ୟରାସ୍ତା ଧୋଇ ଯାଇଥିଲା। ଏହି ରାସ୍ତାକୁ ମରାମତି କରାଯାଇ ପିଚୁ କରାଯାଇଥିଲା । ଚଳିତ ବର୍ଷାରେ ସେହି ରାସ୍ତା ଦବି ଯାଇଛି । ଫଳରେ ସମ୍ପୃକ୍ତ ରାସ୍ତାରେ ଯାନବାହନ ଚଳାଚଳରେ ବାଧା ହେଉଛି। ସେହିପରି ରିଷିଡା-ତେରେସିଂହା-କେସିଙ୍ଗା ରାସ୍ତାର ସନ୍ଧିମୁଣ୍ଡା ନିକଟରେ ବନ୍ୟାରେ ରାସ୍ତା ଧୋଇ ଯାଇଥିଲା। ଏବେ ସେହିଠାରେ ଏକ ପୋଲ ନିର୍ମାଣ କରାଯାଇଛି। ହେଲେ ଆପ୍ରୋଚ ରାସ୍ତା ମରାମତି ହୋଇ ନ ଥିବା ଯୋଗୁ କାଦୁଅ ହୋଇଛି । ତୁରନ୍ତ ଦୁଇରାସ୍ତା ମରାମତି ପାଇଁ ଦାବି ହେଉଛି ।

# କରୋନା କଟକଣାକୁ ମହଙ୍ଗା ମାଡ଼

ବରଗଡ଼ ଅଫିସ,୫।୭



ପରିବା ବଜାରରେ ଜଣେ ମହିଳା ବ୍ୟବସାୟୀ ଗରାଖଙ୍କ ଅପେକ୍ଷାରେ ।

କରୋନା ଯୋଗୁ ବରଗଡ଼ ଜିଲାରେ ଚଳିତ ମାସ ପ୍ରତି ଶନିବାର, ରବିବାରକୁ ଶଟ୍ ଡାଉନ୍ ଘୋଷଣା କରାଯାଇଛି । ପୂର୍ବଭଳି ଗ୍ରାମାଞ୍ଚଳର ଚାଷୀମାନେ ସହରକୁ ଆସି ପାରୁ ନ ଥିବାରୁ ପରିବା ଦର ଯଥେଷ୍ଟ ବୃଦ୍ଧି ପାଇଛି । ଏହି ଦରବୃଦ୍ଧିର ଫାଇଦା ବେପାରୀ ଉଠାଉଛନ୍ତି। ସେହିପରି ତେଜରାତି ସାମଗ୍ରୀ ମଧ୍ୟ ଦରବୃଦ୍ଧିରୁ ବାଦ୍ ପଡ଼ି ନାହିଁ ।

ଜିଲାରେ ଲକ୍ଡାଉନ୍ କଟକଣା ଲାଗୁ ହେବାର ପ୍ରଥମ ପର୍ଯ୍ୟାୟରେ ଜିଲା ପ୍ରଶାସନ ପକ୍ଷରୁ ପରିବାଠାରୁ ଆରମ୍ଭ କରି ବିଭିନ୍ନ ତେଜରାତି ସାମଗ୍ରୀର ଦରକୁ ନେଇ ଏକ ତାଲିକା ପ୍ରତି ସପ୍ତାହରେ ପ୍ରକାଶ କରାଯାଉଥିଲା । ମାତ୍ର ଦୁଇ, ତିନି ସପ୍ତାହ ପରେ ସେହି ତାଲିକା ମଧ୍ୟ ଆଉ ପ୍ରକାଶ ପାଇଲା ନାହିଁ । ଫଳରେ ଦୋକାନୀମାନେ ମନମୁଖି ଭାବେ ପରିବା ତଥା ଅନ୍ୟ ସାମଗ୍ରୀ ଦର ବୃଦ୍ଧି କରିବାକୁ ଲାଗିଲେ । ଅନ୍ୟପଟେ ଶନିବାର, ରବିବାର ଶଟ୍ଡାଉନ୍ କଟକଣା ନେଇ ଗତ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଅଥଚ ଏହାର ଏକ ସପ୍ତାହ ପୂର୍ବରୁ ଶଟ୍ଡାଉନ୍ ନେଇ ଗୁଜବ ସୃଷ୍ଟି ହୋଇଥିଲା। ଫଳରେ ପରିବା ଧରି ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଆସୁଥିବା ଚାଷୀଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇଲା ଏବଂ ପରିବା ଦର ଆକାଶଛୁଆଁ ହୋଇପଡ଼ିଲା।

ଏହି କ୍ରମରେ ପୂର୍ବରୁ କିଗ୍ରା ପ୍ରତି ୨୦/୩୦ ଟଙ୍କାରେ ମିଳୁଥିବା ଟମାଟୋ ଦର ଗତ ସପ୍ତାହେ ହେଲା ୬୦ଟଙ୍କାରେ ପହଞ୍ଚିଛି । ସେହିପରି ଫୁଲକୋବି କିଗ୍ରା ପ୍ରତି ୬୦ରୁ ଶହେ ଟଙ୍କା, ପୋଟଳ ୪୦ରୁ ୫୦ଟଙ୍କା, ଝୁଲେର ୬୦ରୁ ୭୦ ଟଙ୍କା, ବାଇଗଣ ୪୦ରୁ ୫୦ ଟଙ୍କା, ଧନିଆଁପତ୍ର କିଗ୍ରା ପ୍ରତି ୪୦୦ ଟଙ୍କାରେ ବିକ୍ରି ହେଉଛି। କିଛି ଦୋକାନୀ ତେଜରାତି ସାମଗ୍ରୀରେ ମଧ୍ୟ ଦରବୃଦ୍ଧି କରିଛନ୍ତି । ମାତ୍ର ଆଳୁ ଓ ପିଆଜ କିଗ୍ରା ପ୍ରତି ୨୦ରୁ ୩୦ଟଙ୍କାରେ ଉପଲବ୍ଧ ହେଉଛି । ବରଗଡ଼ ସହରର ବାସିନ୍ଦା ଶିବାନନ୍ଦ ମଟାରୀ କୁହନ୍ତି, ସବୁ ପରିବା ଦର ବଢ଼ି ଯାଇଛି । ଗତ ୮/୧୦ଦିନ ତଳେ ପରିବା ଦର ଯାହା ଥିଲା, ପ୍ରାୟ ସପ୍ତାହେ ହେଲା ତାହା ବହୁମାତ୍ରାରେ ବଢ଼ିଯାଇଛି । ହେଲେ ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁନାହିଁ । ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀଙ୍କୁ ପଚାରିବାରୁ କୌଣସି ପରିବା ଦର ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଧାରିତ ହୋଇପାରି ନାହିଁ । ଫଳରେ ପରିବା ଦର ମଧ୍ୟରେ ସେଭଳି ତାରତମ୍ୟ ରହୁଛି । ସରକାର ପରିବା ପାଇଁ ମଧ୍ୟ ନିର୍ଦ୍ଦିଷ୍ଟ ଦର ଧାର୍ଯ୍ୟ କଲେ ଭଲ ହୁଅନ୍ତା ବୋଲି ଗାନ୍ଧୀ ମତ ରଖିଥିଲେ ।

# ଜବରଦଖଲକାରୀଙ୍କ କବ୍ଜାରେ ଶତାଧିକ ଏକର ସରକାରୀ ଜମି

**ପଦାରେ ପଡିଛି ରାଜସ୍ୱ ବିଭାଗର ଅପାରଗତା**

ବିନିକା,୫।୭(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ଅଧୀନ ବାଗଡିଆ ଗ୍ରାମରେ ଶତାଧିକ ଏକର ସରକାରୀ ଜମି ଜବରଦଖଲକାରୀଙ୍କ କବ୍ଜାରେ ରହିଛି । ଏହାସତ୍ତ୍ୱେ ବିଭାଗ ପକ୍ଷରୁ ଜବରଦଖଲ ନେଇ ଗୋଟିଏ ମାମଲା ଦାଏର ହୋଇନାହିଁ । ଅପରପକ୍ଷରେ ସରକାରୀ ଜମି ଥାଇ ବି ଗାଁରେ କୌଣସି ପ୍ରକଳ୍ପ ନିର୍ମାଣ ହୋଇ ପାରୁନାହିଁ । ରାଜସ୍ୱ ବିଭାଗ କର୍ମଚାରୀଙ୍କ ଖାମଖିଆଲି ନୀତି ଓ ଅପାରଗତା ଯୋଗୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଉନାହିଁ । ଫଳରେ ବହୁ ଭୂମିହୀନ ଗରିବ ଲୋକ ସରକାରୀ ଯୋଜନାରେ ପଟ୍ଟା ପାଇବାରୁ ବଞ୍ଚିତ ହେଉଛନ୍ତି।

ବିନିକା ତହସିଲ ଅଧୀନରେ ଥିବା ବାଗଡିଆ ଗାଁର ଲୋକସଂଖ୍ୟା ୧୪ଶହରୁ ଉର୍ଦ୍ଧ୍ୱ। ଗ୍ରାମର ଅଧିକାଂଶ ପରିବାର ଆଦିବାସୀ। ଏମାନଙ୍କର ମୁଖ୍ୟ ଜୀବିକା ହେଉଛି କୃଷି । ଉକ୍ତ ଗ୍ରାମରେ ବାଗଡିଆ ମୌଜା ଖତିୟାନ ନଂ-୨୨୬ରେ ୧୫୦ ଏକର ସରକାରୀ ଜମି ରହିଛି । ସବୁଠୁ ବେଶୀ ସରକାରୀ ଜମି ରକ୍ଷିତ କିସମର । ସେହିପରି ଖାତା ନଂ-୨୨୯ରେ ୧୩୫ ଏକର ୨୧୦ ଡିସମିଲ୍ ଗୋଚର ଏବଂ ଗ୍ରାମ୍ୟ ଜଙ୍ଗଲ ରହିଥିବା ରେକର୍ଡଭୁକ୍ତ ରହିଛି। ମାତ୍ର ଗୋଚର ଏବଂ ଗ୍ରାମ୍ୟ ଜଙ୍ଗଲ ଜମି ଏବେ ଜବରଦଖଲରେ ଅଛି। ପ୍ରଭାବଶାଳୀ ବ୍ୟକ୍ତି ଏହିସବୁ ଜମି କବ୍ଜା କରି ଭୋଗ ଦଖଲ କରି ଆସୁଛନ୍ତି। ସେଠାରେ ବର୍ତ୍ତମାନ ବେଆଇନ ଭାବେ ଅନେକ ଘର , ଜମି ଓ ଖଳା ଗଢି ଉଠିଛି । ବାଙ୍କିଘିର୍ଡି ରାଜସ୍ୱ କାର୍ଯ୍ୟାଳୟ ,ବିନିକା ତହସିଲ କର୍ତ୍ତୃପକ୍ଷ ଏ ଦିଗରେ ନୀରବତା ଅବଲମ୍ବନ କରୁଥିବାରୁ ମୂଲ୍ୟବାନ ସରକାରୀ ଜମି ସବୁ ଦିନକୁ ଦିନ ହଡପ୍ ହେବାରେ ଲାଗିଛି।

**ସେମାନେ ଯାହା କୁହନ୍ତି**

"ଯଥାଶୀଘ୍ର ବାଗଡିଆ ରାଜସ୍ୱ ଗ୍ରାମ ଅନ୍ତର୍ଭୁକ୍ତ ସରକାରୀ ଜମି ଚିହ୍ନଟ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

– ଅଲେଖ ଘୁଟା, ତହସିଲଦାର, ବିନିକା

"ଗ୍ରାମରେ ଥିବା ସରକାରୀ ଜମି ଚିହ୍ନଟ କରି ଉଦ୍ଧାର ଲାଗି ଉଦ୍ୟମ ଚାଲିଛି । ସରକାରୀ ଜମିରେ କିଭଳି ଉନ୍ନୟନମୂଳକ କାର୍ଯ୍ୟ ହେବ ଓ ଗରିବ ଲୋକ କିପରି ସରକାରୀ ଯୋଜନାର ସୁଫଳ ପାଇବେ ସେ ଦିଗରେ କାର୍ଯ୍ୟ କରାଯିବ।

–ଫିରୋଜ କୁମାର ମେହେର, ବାଙ୍କିଘିର୍ଡି ରାଜସ୍ୱ ନିରୀକ୍ଷକ।

"ସରକାରୀ ଜମି ଚିହ୍ନଟ ନ ହେବା ଦ୍ୱାରା ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଏପରି କି ଗ୍ରାମରେ କଲ୍ୟାଣ ମଣ୍ଡପ, ସ୍ୱର୍ଗଦ୍ୱାର ଆଦି ନିର୍ମାଣ ହୋଇ ପାରୁନାହିଁ । ସରକାରୀ ଜମି ଉଚ୍ଛେଦ କରାଗଲେ ବହୁତ କିଛି କାମ ହୋଇପାରନ୍ତା ।

– ଚନ୍ଦ୍ର କୁମାର ମହାପାତ୍ର, ସରପଞ୍ଚ

"ଗାଁର ସରକାରୀ ଜମିକୁ ବାହାର ଅଞ୍ଚଳର କେତେଜଣ ଲୋକ ଜବରଦଖଲରେ ରଖିଛନ୍ତି । ଏପରି କି ସରକାରୀ ଜମି ମାଡି ବସି ଚାଷଜମିରେ ପରିଣତ କରିଛନ୍ତି ।

– ନବେ ଭୁଏ ,ବାଗଡିଆ ଗ୍ରାମବାସୀ

# ସମ୍ବଲପୁର ଜିଲାରେ ଆଉ ୧୩ କରୋନା ପଜିଟିଭ ଚିହ୍ନଟ

ସମ୍ବଲପୁର,୫।୭(ବ୍ୟୁରୋ)

ସମ୍ବଲପୁର ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ରବିବାର ୧୩ ଜଣ ନୂଆ କରୋନା ରୋଗୀ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି। ଚିହ୍ନଟ ହୋଇଥିବା ସମସ୍ତ କରୋନା ରୋଗୀ କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିଲେ। ସେମାନଙ୍କ ମଧ୍ୟରେ ସମ୍ବଲପୁର ମହାନଗର ନିଗମ ଅଧୀନ କ୍ୱାରାଣ୍ଟାଇନ ସେଣ୍ଟରରେ ୩ଜଣ, ନାକଟିଦେଉଳ ବ୍ଲକ କ୍ୱାରାଣ୍ଟାଇନ ସେଣ୍ଟରରେ ୫ଜଣ, ରେଙ୍ଗାଲି ବ୍ଲକ ଅଧୀନ କ୍ୱାରାଣ୍ଟାଇନରେ ୪ଜଣ ଏବଂ ମାନେଶ୍ୱର ବ୍ଲକ ଅଧୀନ କ୍ୱାରାଣ୍ଟାଇନ ସେଣ୍ଟରରେ ଜଣେ ପ୍ରବାସୀ ଅଛନ୍ତି । ଏହି ରିପୋର୍ଟକୁ ମିଶାଇଲେ ଜିଲାରେ ମୋଟ ୮୩ ଜଣ କରୋନା ସଂକ୍ରମିତ ହୋଇଥିବା ସୂଚନା ମିଳିଛି ।

# ବେଆଇନ ପାର୍କିଂ, ଯାତ୍ରୀ ହଇରାଣ



ରାସ୍ତାକଡ଼ରେ ବେଆଇନ ଭାବେ ଭାରିଯାନ ପାର୍କିଂ କରାଯାଇଛି ।

ବେଦବ୍ୟାସ, ୫।୭ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲାର ଶିଳ୍ପନଗରୀ ରାଉରକେଲା ପ୍ରବେଶ ପଥ କୁହାଯାଉଥିବା ବେଦବ୍ୟାସ ଛକ ଦେଇ ସୁନ୍ଦରଗଡ଼ ଆଡକୁ ଯାଇଥିବା ବିଜୁ ଏକ୍ସପ୍ରେସ ତଥା ରାଜ୍ୟ ରାଜପଥ-୧୦ କଡ଼ରେ ଘଣ୍ଟା ଘଣ୍ଟା ଧରି ବେଆଇନ ଭାବେ ଭାରିଯାନ ପାର୍କିଂ କରାଯାଉଛି । ଏଥିପାଇଁ ପ୍ରତ୍ୟେକ ଦିନ ଯାତ୍ରୀ ହଟହଟା ହେବା ସହ ଛୋଟ, ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏକାଧିକ ଟ୍ରକ୍, ଡମ୍ପର, ଟ୍ରେଲର ଆଦି ବେଆଇନ ପାର୍କିଂ ଯୋଗୁ ଟ୍ରାଫିକ ବ୍ୟବସ୍ଥା ଭୁଶୁଡି ପଡିଛି। ରାଜ୍ୟ ରାଜପଥର ବେଦବ୍ୟାସ, କଲୁଙ୍ଗା କରତକଳ ଓ ବେଲଡିହି ଆଦି ଛକ ସ୍ଥାନରେ ଥିବା ପେଟ୍ରୋଲ ପମ୍ପ, ହୋଟେଲ, ଢାବା, ଘରୋଇ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟ, ବେଦବ୍ୟାସ ଅଖଣ୍ଡଳମଣି ମନ୍ଦିର ନିକଟ, ବ୍ୟାସପୀଠକୁ ଯିବା ମନ୍ଦିର ରୋଡର ଦୁଇ ପାର୍ଶ୍ୱରେ ଭାରିଯାନଗୁଡିକ ଘଣ୍ଟା ଘଣ୍ଟା ଧରି ଛିଡା ହେଉଥିଲେ ମଧ ଟ୍ରାଫିକ ପୋଲିସ କିମ୍ବା ସ୍ଥାନୀୟ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଏପରି କି ଆମ୍ବୁଲାନ୍ସ ଯାତାୟାତ କ୍ଷେତ୍ରରେ ବାଧା ସୃଷ୍ଟି ହେଉଛି। ବ୍ରାହ୍ମଣୀପୋଲ ଠାରୁ କଲୁଙ୍ଗା କରତକଳ ଛକ ଏବଂ ବେଦବ୍ୟାସ ଛକ ଠାରୁ ବ୍ୟାସପୀଠ ମନ୍ଦିର ରୋଡ ଆଦି ଅଞ୍ଚଳରେ ସ୍ଥାନୀୟ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ସହ ବେଆଇନ ପାର୍କିଂ ପ୍ରତି ଦୃଷ୍ଟି ଦେଲେ ରାଜ୍ୟ ରାଜପଥ-୧୦ ଓ ପାର୍ଶ୍ୱ ଅଞ୍ଚଳ ବିପଦମୁକ୍ତ ହୋଇପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

## ଶତାଧିକ ଚାଷୀଙ୍କୁ ସାହାଯ୍ୟ କଲା ବେଦାନ୍ତ

ସମ୍ବଲପୁର, ୫।୭(ବ୍ୟୁରୋ)

ଲକ୍ ଡାଉନ ପରେ ଝାରସୁଗୁଡ଼ାର ଚାଷୀମାନେ ସତର୍କତା ତଥା ମନ୍ଥର ଗତିରେ ନୂତନ ଫସଲ ପାଇଁ ପ୍ରସ୍ତୁତ ହେଉଛନ୍ତି । ଏହି ସମୟରେ ବେଦାନ୍ତ ସେମାନଙ୍କୁ ସାହାର୍ଯ୍ୟର ହାତ ବଢ଼ାଇଛି। ଉନ୍ନତମାନର ମଞ୍ଜି ବଣ୍ଟନଠାରୁ ଆରମ୍ଭ କରି ଚାଷ ଚକ୍ର ମାଧ୍ୟମରେ ଚାଷୀଙ୍କୁ ମାର୍ଗଦର୍ଶନ କରାଯାଉଛି । ଏଥିରେ ବେଦାନ୍ତ ଓଡିଶା ସରକାରଙ୍କ ଉଦ୍ୟାନ କୃଷି ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞ ସହ ମିଶି କାମ କରୁଛି । ସମ୍ପ୍ରତି, ବେଦାନ୍ତ ଏହାର କୃଷି ଭିତ୍ତିକ ଜୀବିକା ପ୍ରକଳ୍ପ ଜୀବିକା ସଂବୃଦ୍ଧି ସହ ଜଡିତ ଶତାଧିକ ଚାଷୀଙ୍କୁ ଉଚ୍ଚ ଅମଳକ୍ଷମ ସ୍ୱଦେଶୀ ଅଦା କିସମର ମଞ୍ଜି ବଣ୍ଟନ କରିଛି । ଆରମ୍ଭରୁ ଏହି ପ୍ରକଳ୍ପ କୃଷକମାନଙ୍କ ସହିତ ଅଧିକ ଅମଳକ୍ଷମ ନଗଦ ଫସଲ ଓ କୃଷି କ୍ଷେତ୍ରରୁ ଅଧିକ ଲାଭ ପାଇବା ପାଇଁ ବ୍ୟବସାୟିକ ଚାଷର ଉନ୍ନତି ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ପାଇଁ କାମ କରିଆସୁଛି । ବେଦାନ୍ତ ଏବଂ ପ୍ରକଳ୍ପ ସହଭାଗୀ ସଂସ୍ଥା ସେୱାର ଏକାଧିକ ପରାମର୍ଶ ପରେ, ସିରିଆପାଲି, ଗୁଡିଗାଁ ଏବଂ ବେଲଡାମାଲ ଗ୍ରାମର ୧୮୦ରୁ ଉର୍ଦ୍ଧ୍ୱ ଚାଷୀ ଆସନ୍ତା ଖରିଫ ଫସଲ ଭାବେ ଅଦା ଚାଷରେ ଆଗ୍ରହ ଦେଖାଇଛନ୍ତି । ମଞ୍ଜି ବିତରଣ ବ୍ୟତୀତ ପ୍ୟାକେଜ ଅଫ୍ ପ୍ରାକ୍ଟିସ (ପିଓପି) ଉପରେ ଜମି ପ୍ରସ୍ତୁତି, ବିହନ ଉପଚାର, ବୃକ୍ଷରୋପଣ ପ୍ରଣାଳୀ, ଖତ ଏବଂ ସାର, ପ୍ରାକୃତିକ କୀଟନାଶକ ଔଷଧ, ଚାଷର ଅବଧି, ଅମଳ ପ୍ରକ୍ରିୟା ଇତ୍ୟାଦି ବିଷୟରେ ବିଶେଷଜ୍ଞଙ୍କ ଦ୍ୱାରା ଚାଷୀଙ୍କୁ ତାଲିମ ଦିଆଯାଉଛି ବୋଲି କମ୍ପାନୀ ସିଇଓ ସି.ଏନ୍.ସିଂ କହିଛନ୍ତି ।

# ମିଳୁନି ଚିକିତ୍ସା ସୁବିଧା

ନୂଆପଡ଼ା ଅଫିସ,୫।୭

**ବଳାତ୍କାର ପୀଡ଼ିତା ଶିଶୁକନ୍ୟା ୭ ମାସ ହେଲା ଯନ୍ତ୍ରଣାରେ ଛଟପଟ**

ଉପଯୁକ୍ତ ଚିକିତ୍ସା ସୁବିଧା ନ ପାଇ ବଳାତ୍କାରର ଶିକାର ହୋଇଥିବା ଜଣେ ୪ ବର୍ଷର ଶିଶୁକନ୍ୟା ଗତ ୭ ମାସ ହେଲା ଯନ୍ତ୍ରଣାରେ ଛଟପଟ ହୋଇ ଦିନ କାଟୁଛନ୍ତି। ଶିଶୁର ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ଗୁରୁତର ହେଉଥିବାରୁ ମା' ବାପାଙ୍କ ଚିନ୍ତା ବଢିଛି। ସୂଚନାଯୋଗ୍ୟ ଯେ, ନୂଆପଡ଼ା ଜିଲା ଖରିଆରରୋଡ ଜୋଙ୍କ ଥାନା ଅଞ୍ଚଳରେ ଜଣେ ଶିଶୁକନ୍ୟାଙ୍କୁ ୭ ମାସ ତଳେ ପଡ଼ୋଶୀ ନାବାଳକ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୋଲିସ ନାବାଳକଙ୍କୁ ଗିରଫ କରିଥିବା ବେଳେ ପୀଡିତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ମେଡିକାଲ ପଠାଯାଇଥିଲା । ହେଲେ ସେଠାରେ ଠିକ୍ ଭାବେ ଚିକିତ୍ସା ନ କରି ଫେରାଇ ଦିଆଯାଇଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ । ପରବର୍ତ୍ତୀ ସମୟରେ ଶିଶୁକୁ ବିଭିନ୍ନ ହସ୍ପିଟାଲ ନିଆଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ । ଦୀର୍ଘଦିନ ଧରି ଗୁପ୍ତାଙ୍ଗର କ୍ଷତ ଶୁଖି ନ ଥିବାରୁ ଶିଶୁ କନ୍ୟା ଭାଗ୍ୟକୁ ଆଦରି ଏବେ ଘରେ ପଡିରହିବା ସାରହୋଇଛି। ନିକଟରେ ପରିବାର ଲୋକେ ପୀଡିତାଙ୍କୁ ଏକ ବେସରକାରୀ ହସ୍ପିଟାଲକୁ ନେବା ନେଇ ଏକ ଖବର ପ୍ରକାଶ ପାଇଥିଲା । ଇତିମଧ୍ୟରେ ସପ୍ତାହେ ବିତିଥିଲେ ହେଁ କୌଣସି ପ୍ରଶାସନିକ ଅଧିକାରୀ ଶିଶୁଙ୍କ ପରିବାରକୁ ଭେଟିନାହାନ୍ତି । ଏ ନେଇ ଶିଶୁକଲ୍ୟାଣ ଅଧ୍ୟକ୍ଷ ରମେଶ କୁମାର ଭୋଇଙ୍କୁ ପଚାରିବାରେ ଧରିତ୍ରୀରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ଶିଶୁ ସୁରକ୍ଷା ଅଧିକାରୀ, ଖରିଆରରୋଡ ପୋଲିସକୁ ସ୍ଥିତି ଉପରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି । ହେଲେ କୌଣସି ପ୍ରକାର ରିପୋର୍ଟ ଆସିନାହିଁ। ଏହି ଘଟଣାରେ ଶିଶୁ କଲ୍ୟାଣ ସମିତି ଏବଂ ଜିଲାପାଳ ହସ୍ତକ୍ଷେପ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ଶଟ୍ ଡାଉନରେ ରାସ୍ତାଘାଟ ଶୂନ୍ଶାନ

ସମ୍ବଲପୁର,୫।୭(ବ୍ୟୁରୋ)

- ବୁର୍ଲାରେ ଦ୍ୱିତୀୟ ଦିନରେ ୧୪୪ ଧାରା
- ପରିସ୍ଥିତି ତଦାରଖ କଲେ ଏସ୍ପି
- ବ୍ୟାପକ ପୋଲିସ ମୁତୟନ

କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ସମ୍ବଲପୁର ଜିଲାକୁ ରବିବାର ଦିନିକିଆ ଶଟ୍ ଡାଉନ ଘୋଷଣା କରାଯାଇଥିଲା । ଫଳରେ ସହର ମୁଖ୍ୟ ରାସ୍ତା, ଗଳି, ବସ୍ତି ରାସ୍ତା ଶୂନଶାନ ହୋଇପଡିଥିଲା । ଛୋଟ ଦୋକାନ ଠାରୁ ଆରମ୍ଭ କରି ବଡ ମଲ୍ ପର୍ଯ୍ୟନ୍ତ ସବୁ ବନ୍ଦ ରହିଥିଲା। ନିର୍ମାଣ କାମ, ରାସ୍ତା କାମ ବନ୍ଦ ରହିଥିଲା । ସହର ପ୍ରମୁଖ ଛକ ଗୁଡିକରେ ପୋଲିସ ମୁତୟନ ରହିଥିଲେ। ସମ୍ବଲପୁର ଏସ୍ପି କନୱର ବିଶାଳ ସିଂ ବିଭିନ୍ନ ଛକ ବୁଲି ପରିସ୍ଥିତି ତଦାରଖ କରିଥିଲେ। ହେଲେ କେତେକ ଅମାନିଆ ମେଡିକାଲ ଓ ଜରୁରୀ ସେବା ନାମରେ ବୁଲିବାକୁ ବାହାରିଥିଲେ। ସେମାନେ ପୋଲିସ ହାବୁଡରେ ପଡି ଫାଇନ ଗଣିଥିବା ଦେଖିବାକୁ ମିଳିଥିଲା। ବିନା ହେଲମେଟ, ମାସ୍କ ପିନ୍ଧି ନ ଥିବାରୁ ପ୍ରାୟ ୩୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡିଛି। ଅନ୍ୟପଟେ ବୁର୍ଲା ସହର ୩ଟି ସ୍ଥାନରେ ୧୪୪ ଧାରା ଲାଗୁକୁ ରବିବାର ଦ୍ୱିତୀୟ ଦିନ ଥିଲା । ପିସି ବ୍ରିଜଠାରୁ ଭିସୁଟ, ସମସ୍ତ ପାଣିଟାଙ୍କି ପଡା, ଆଇଆର କଲୋନୀ ପଡା ଶୂନ୍ଶାନ ରହିଥିଲା। ପୋଲିସ ପାଟ୍ରୋଲିଂକୁ କଡାକଡି କରାଯାଇଥିଲା।



ଜେଲ ଛକଠାରେ ଧନୁପାଲି ଥାନା ଅଧିକାରୀ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଜଗି ରହିଛନ୍ତି ।

## ଗଣ୍ଡା ସମାଜ ଦେଲା ୪ ଦଫା ଦାବିପତ୍ର

ଉଲୁଣ୍ଡା,୫।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗଣ୍ଡା ସମାଜ ତରଫରୁ ୪ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉଲୁଣ୍ଡା ତହସଲଦାରଙ୍କୁ ପ୍ରଦାନ କରାଯାଇଛି। ପ୍ରଥମେ ପୁରୁଣା ପିଡବ୍ଲୁ ଅଫିସଠାରେ ସମାଜ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ସେଠାରୁ ବଳରାମ ସୁନାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ତହସିଲ ଅଫିସ ପର୍ଯ୍ୟନ୍ତ ଯାଇଥିଲା । ଶୋଭାଯାତ୍ରାକାରୀମାନେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ପୁରୁଷାନୁକ୍ରମେ ସରକାରଙ୍କ ଜମିରେ ରହି ଆସୁଥିବା ବ୍ୟକ୍ତିଙ୍କୁ ଜମିପଟ୍ଟା ପ୍ରଦାନ ସହ ଆବାସ ଯୋଜନାରେ ସାମିଲ, ସରକାରୀ ଜମିକୁ ଚଞ୍ଚକତା କରି ନିଜ ନାମରେ ପଟ୍ଟା କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ପଟ୍ଟା ବାତିଲ କରି ଭୂମିହୀନଙ୍କୁ ପ୍ରଦାନ କରିବା ଆଦି ଦାବି ରହିଛି। ଦାବିପତ୍ର ପ୍ରଦାନ ବେଳେ ଗୋବିନ୍ଦ ଦାସ ତରାଇ, ରାଜୁ ଲୁହା, କୀର୍ତ୍ତନ ମୁନା, ରାମକୃଷ୍ଣ ଜଗଦଲା, ବୈଷ୍ଣବ ଚରଣ ତରାଇ, ସୁଦାମ ଭରାସାଗର, ଅଗସ୍ତି ତରାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ପଦବୀ ଖାଲି, ଉନ୍ନୟନ କାର୍ଯ୍ୟ ପଛୁଆ

ସୋନପୁର, ୫।୭(ନି.ପ୍ର.)

**ସୁବର୍ଣ୍ଣପୁର ଜିଲା**



- ପିଡି, ଏପିଡି ପଦବୀ ପୂରଣ ହେଉନି
- ଅତିରିକ୍ତ ଜିଲାପାଳ ପିଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି

ସୁବର୍ଣ୍ଣପୁର ଜିଲାରେ ବର୍ଷ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରଶାସନିକ ଅଧିକାରୀ ପଦ ପୂରଣ ହେଉନାହିଁ। ଇନ୍ଚାର୍ଜରେ ସବୁ କିଛି ଚାଲିଛି । ରାଜ୍ୟ ସରକାରଙ୍କ ଏଭଳି ମନୋଭାବ କାରଣରୁ ସୁବର୍ଣ୍ଣପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍ଡିଏ)ରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଗତ ୫ ଏପ୍ରିଲ ୨୦୧୯ରୁ ପିଡି ଡିଆରଡିଏ ପଦବୀ ଖାଲିପଡିଛି। ଅତିରିକ୍ତ ଜିଲାପାଳମାନେ ହିଁ ପିଡି ଡିଆରଡିଏ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ଏଥିଯୋଗୁ ତୃଣମୂଳ ସ୍ତରରେ ଯୋଜନା କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି।

ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ଡିଆରଡିଏର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ଡିଆରଡିଏ ଦ୍ୱାରା ଏମ୍ଜିଏନ୍ଆରଇଜିଏସ୍, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା, ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା, ଦୀନ୍ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଓଡ଼ିଶା ଜୀବିକା ମିଶନ ଭଳି ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ଡିଆରଡିଏରେ ଗତ ୧୪ ମାସ ଧରି ପ୍ରକଳ୍ପ ନିର୍ଦ୍ଦେଶକ, ଦୁଇ ବର୍ଷରୁ ଊର୍ଦ୍ଧ୍ୱ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଓ ଦୀର୍ଘ ଦେଢବର୍ଷ ହେବ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ବୈଷୟିକ) ପଦବୀ ଖାଲିପଡିଛି। ଏପିଡି (ବୈଷୟିକ) ପଦବୀ ଖାଲି ଯୋଗୁ କୌଣସି ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ଆସିଲେ ତା'ର ଠିକ୍ ତଦନ୍ତ ହୋଇପାରୁନି। ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ନ ହେବା ଯୋଗୁ ଏମ୍ଜିଏନ୍ଆରଇଜିଏସ୍ ଓ ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟକାରିତାରେ ଜିଲା ପଛରେ ପଡିବ ବୋଲି ମଧ ଆଶଙ୍କା ପ୍ରକାଶ ପାଉଛି। ସେହିପରି ରାଜ୍ୟର ଅନ୍ୟ ଜିଲାରେ ଜଣେ ଏଡିଏମ୍(ଜେନେରାଲ) ଓ ଜଣେ ଏଡିଏମ୍ (ରାଜସ୍ୱ) ନିଯୁକ୍ତି ପାଉଛନ୍ତି। ଏହି ଜିଲାରେ ହାଇଟେକ୍ ସର୍ଭେ କାମ ଚାଲିଥିବା ବେଳେ ଏଡିଏମ୍(ରାଜସ୍ୱ) ପଦ ପୂରଣ ହେଉନି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ପଞ୍ଚମ ପାଳିରେ ସୁବର୍ଣ୍ଣପୁର ଭଳି କ୍ଷୁଦ୍ର ଜିଲାର ୨ ଜଣ ବିଧାୟକଙ୍କୁ କ୍ୟାବିନେଟ୍ ବିଭାଗର ମନ୍ତ୍ରୀ ପଦ ଦେଇ ଜିଲାବାସୀଙ୍କୁ ଖୁସି କରିଥିଲେ। ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଅର୍ଥ ଓ ଅବକାରୀ ବିଭାଗର ମନ୍ତ୍ରୀ ଏବଂ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ପରିବହନ, ଯୋଜନା ଓ ସମନ୍ୱୟ ବିଭାଗର ମନ୍ତ୍ରୀ ଥାଇ ଖାଲି ପଡିଥିବା ପଦବୀଗୁଡିକ ପୂରଣ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି ।

